# କୃଷ୍ଣା

କୃଷ୍ଣା ଗୋ ତୁମ ଅଧର ଉପାନ୍ତେ
ହସ ଚହଟିଲେ ବେପଥୁ ଜାଗଇ
ସାରା ଇନ୍ଦ୍ରପ୍ରସ୍ଥ ବକ୍ଷେ
ରୁଧିର କ୍ଷରଣେ କୀଚକ ପରା ଗୋ
ସମାଧି ଲଭିଲା ବିରାଟ ଭବନେ
ସାମାନ୍ୟ ରଙ୍ଗିତ ଚକ୍ଷେ
ଇନ୍ଦ୍ରପ୍ରସ୍ଥ ପାଟମହିଷୀ ପରା ସେ
କନକ ଚଂପା ସ୍ଫୁରିତ ଆନନ
ଦୃପ୍ତ ଦୀପାଳୀ ଜାଳି
ଛଳ କପଟିଆ ନନ୍ଦର ବଳା
ଭଗିନୀ ପରା ସେ ହେମ ବରଣୀ ଗୋ
ସଖା ଯାର ବନମାଳୀ
ପଞ୍ଚ ଭର୍ତ୍ତାର ସୁହାଗୀ ପାଞ୍ଚାଳୀ
ବରବଧୂ ସେ ଯେ ଯୋଜନଗନ୍ଧା
ଗଣା ଆର୍ଯ୍ୟାବର୍ତ୍ତ ସାରା
ସରଳାଚପଳା ମୁଗ୍ଧା କିଶୋରୀ
ଚାଲିଲେ ଫୁଟଇ କନକ ଚଂପା
ହସରୁ ଝରଇ ହୀରା
ତନ୍ୱୀ ନାୟିକା ଦ୍ରୁପଦ ନନ୍ଦିନୀ
ତୂର୍ଯ୍ୟ ଉଦ୍‌ଘୋଷିତ ସ୍ୱୟମ୍ବର ସ୍ଥଳୀ
ଭୀରୁ ପାଇଁ ମୃତ୍ୟୁ ଲକ୍ଷେ
କୃଷ୍ଣା ଗୋ ତୁମ ଅଧର ଉପାନ୍ତେ
ହସ ଚହଟିଲେ ବେପଥୁ ଜାଗଇ
ସାରା ଇନ୍ଦ୍ରପସ୍ଥ ବକ୍ଷେ ।।

ପ୍ରଣୟ ବିଧୁର ମାନୀ ଦୁର୍ଯ୍ୟୋଧନ
କୁରୁସଭାତଳେ ଯାଜ୍ଞସେନୀର ଅଙ୍ଗ ସୌଷ୍ଟବ
ଦର୍ଶନ ଆସେ ଦୌଡ଼େ
ଆର୍ଯ୍ୟବଧୂର ବେଦନାକାତର
ଦଗ୍ଧପରାଣେ ପ୍ରତିଶୋଧ ଅଗ୍ନି ଲକ୍ଷ ଆଶାରେ
ଦଗ୍ଧମାନସେ ଭିଡ଼େ ।
ମୁକୁଳିତ କେଶ, ଉଦ୍‌ଗତ ବାସ
ଉଦ୍‌ବେଳିତ ତନୁ କନକ ଚଂପା
ବାସ ଚହଟଇ ଆସେ
ଉରେ କରମାରି ଧାର୍ତ୍ତରାଷ୍ଟ୍ର କହେ
ଆର୍ଯ୍ୟ ବଧୂଗୋ ଅଧର ଉଷ୍ମତା
ଭରିଦିଅ ସର୍ବାକାଂଶେ ।
ଉଷ୍ଣୀ ଉଦ୍‌ଗତ ଶରାସନ ନେଇ
କ୍ଷୁଧିତ ହିଂସ୍ର ଫାଲଗୁନୀ ଧାଏଁ ଶତ ଧିକ୍କାରେ
ଚନ୍ଦ୍ରବଂଶୀର ମାନ
ସୂତ ପୁତ୍ରରେ ଧିକ୍କାରି କହେ
ଆର୍ଯ୍ୟ ସଭାରେ କାହୁଁ ଜାଣିବ ସେ
ବୀରର ମର୍ଯ୍ୟାଦା ପ୍ରଶ୍ନ ?
କାହୁଁ ଜାଣିବ ସେ ଜୟ ପରାଜୟ
କ୍ଷତ୍ରୀୟ ବିଜୟ, ବଂଶ ମର୍ଯ୍ୟାଦା
ସୂତ ଧର୍ମ ଯେ ରଖେ
କୃଷ୍ଣା ଗୋ ତୁମ ଅଧର ଉପାନ୍ତେ
ହସ ଚହଟିଲେ ବେପଥୁ ଜାଗଇ
ସାରା ଇନ୍ଦ୍ରପସ୍ଥ ବକ୍ଷେ ।।

କୃଷ୍ଣା ଗୋ ତୁମେ ଯୋଜନଗଂଧା
ନିକ୍ଷେବନେ ରତ ଆର୍ଯ୍ୟାବର୍ତ୍ତର
ଯେତେ ଅଭ୍ରଂକଷ ବୀର

ଦ୍ରୁପଦ  ରାଜାର ଦୁର୍ବାର ପଣ
ଯାଜ୍ଞସେନୀର ଶାଣିତ ନୟନ ସ୍ୱୟମ୍ବରବର୍ଗ
ନୟନୁ ସ୍ରବଇ ଅଗ୍ନିସ୍ଫୁଲିଙ୍ଗ ଖର
କିଏ ସେହି କ୍ଷାତ୍ର ଧର୍ମ ବିଶାରଦ
ଲକ୍ଷ୍ୟ ଭେଦିବ ଶର ସନ୍ଧାନେ
ଅଚିରେ ଛୁଇଁବ ମତ୍ସ୍ୟ ନୟନ ଧାରେ
ଧାବିତ ଚକ୍ର ଆଶୁଗର ପଥେ
ନିୟତ ଘୂର୍ଣ୍ଣାୟମାନ ଛବି ଆଙ୍କେ
ବୀରା ପ୍ରସବିନୀ ବୀର ସଂଧାନୀ ପାରେ
ହୀନବଳ ହେଲେ ଆର୍ଯ୍ୟାବର୍ତ୍ତ ବୀର
ଗାଣ୍ଡିବୀ ଭେଦିଲା ଚକ୍ଷୁ ମତ୍ସ୍ୟର
ଚକିତ ନୟନେ ଦେଖିଲା ସକଳ ବିଶ୍ୱ
ପାଞ୍ଚଜନ୍ୟ ରବେ ପୁର ନିନାଦିତ
ସତେ ତା ଯେପରି କୃଷ୍ଣ ସମର୍ଥିତ
କୃଷ୍ଣ ବିହୁନେ ସକଳ ବିଶ୍ୱ ନିଃସ୍ୱ
ସାମ୍ୟବାଦର ସଂଭ୍ରମ ମୂର୍ତ୍ତି
ଆର୍ଯ୍ୟାବର୍ତ୍ତ ପାଟମହିଷୀ କୁନ୍ତୀ ଆଦେଶିଲେ ସତେ
କୃଷ୍ଣା ହୋଇବ ପଞ୍ଚଭର୍ତ୍ତାର ଭୋଗ୍ୟା
ସେତେବେଳେ ସ୍ତବ୍ଧ ହୃଦୟେ କାହିଁ
କ୍ଷାତ୍ରଧର୍ମର ରକ୍ଷାର ପାଇଁ ସର୍ବଂସହା ସେ
ଅନ୍ନପୂର୍ଣ୍ଣା ମା' ବରିନେଲେ ଧର୍ମରକ୍ଷା
ବରବର୍ଣ୍ଣିନୀ କୃଷ୍ଣା ଗୋ ତୁମେ
କୃଷ୍ଣ ସମର୍ଥିତ ଜୀବନ ସଂଗ୍ରାମେ ପଞ୍ଚଭର୍ତ୍ତାର ଜୈତ୍ର
କେତନ ଉଡ଼ିଲା ଭାରତ ବକ୍ଷେ
କୃଷ୍ଣା ଗୋ ତୁମ ଅଧର ଉପାନ୍ତେ
ହସ ଚହଟିଲେ ବେପଥୁ ଜାଗଇ
ସାରା ଇନ୍ଦ୍ରପ୍ରସ୍ଥ ବକ୍ଷେ ॥

କୃଷ୍ଣା ଗୋ ତୁମ ପିଆସୀ ଆଖି
କୃଷ୍ଣ ଉରସେ ରହିଲା ଲାଖି ରାଖି ବନ୍ଧାଇଲେ
କୃଷ୍ଣ ମୁରାରୀ ଭଗ୍ନୀ ସଦୟ ବହି
ଅର୍ଜୁନବୀର ବାନ୍ଧି ଆଣିଲେ
ହୀନଦୁର୍ବଳ ଅଶ୍ୱତ୍ଥାମାରେ ପରାଣ ତୁମର ବିଳପି ଉଠିଲା
ଗୌତମୀ ମା'ର ସାଶ୍ରୁ ଲୋଚନ ପାଇଁ
ଦୁଃଶାସନ ହୃଦ ରକ୍ତରେ ହୋରି
ଖେଳିଥିଲା ଦିନେ ଏଇ ସେଇ ନାରୀ
ବାନ୍ଧିଥିଲା ହୃଦେ ଅବନ୍ଧା ମୁକୁଳା କେଶ
ମର୍ମବେଦନା ସିକ୍ତ ନୟନେ
ଆଦେଶିଲେ ମାତା ବୀର ଅର୍ଜୁନେ
ମୁକୁଳିତ କର ଅଶ୍ୱତ୍ଥାମାରେ ଗୌତମୀର ଅବତଂସ ।
କୁଞ୍ଜବନର ମୁଗ୍ଧା ନାୟିକା,
ସାରାବିଶ୍ୱର ଶ୍ରେଷ୍ଠା ପ୍ରେମିକା ।
ତୁମେ ରଖିଗଲ ଆର୍ଯ୍ୟାବର୍ତ୍ତର ମାନ
କୃଷ୍ଣ ବିରହେ ଆଗୋ ଆର୍ଯ୍ୟବଧୂ
ଯାଜ୍ଞସେନୀ ଗୋ ସାରା ସଂସାର
ଲାଗଇ ସତେକି ମ୍ଳାନ
ଲାସ୍ୟମୟୀଗୋ ଯୋଜନଗନ୍ଧା
ସ୍ୱର୍ଣ୍ଣ ଚଂପା ଯା ପଥରେ ଝଳଇ
ସେଇ ବରବଧୂ କୃଷ୍ଣା, କୃଷ୍ଣର ପ୍ରିୟା
ଶତ ବସ୍ତ୍ରଦାନେ, ସୁନ୍ଦର ଲପନେ
ଉପଢୌକନ ଦେଇ ଶତବାର
ବେଦନା ବିଧୁର ପାଣ୍ଡବ ବଧୂ ଲଜ୍ଜା ହରିଲେ ଶ୍ରୀୟା
ମନ ଉଦ୍ୟାନୁ ଶତ ସ୍ମୃତି ପୁଷ୍ପେ
ଉଦ୍‌ବେଳିତ ହୃଦେ ଜଳପି ଅକ୍ଷେ
ସ୍ନିଗ୍ଧ ପରାଣେ ଲୋଡ଼ ପାଣ୍ଡବର ସଖା

ସେ ଯେ ଅନନ୍ତ ବିଶ୍ୱ ନିୟାମକ,
ତାଠାରେ ପରାଣ ସମର୍ପି ସେବକ
ସୃଜ ସେଇ ଦୀକ୍ଷା ଯାହା ସୃଷ୍ଟିରେ କରେ ରକ୍ଷା
ତୁମେ ଯେ ଜୀବନେ ଦେଇଛ ଦୃଷ୍ଟି
ଆର୍ଯ୍ୟ ଇତିହାସ କରିଛ ସୃଷ୍ଟି
କୁରୁରାଷ୍ଟ୍ରସାରା ଭାରତ ଭୂଖଣ୍ଡ ବକ୍ଷେ
କୃଷ୍ଣା ଗୋ ତୁମ ଅଧର ଉପାନ୍ତେ
ହସ ଚହଟିଲେ ବେପଥୁ ଜାଗଇ
ସାରା ଇନ୍ଦ୍ରପ୍ରସ୍ଥ ବକ୍ଷେ ॥

ロロロ